# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**18 June – 2024**

# ପିଏମ୍ କିଷାନ ସମ୍ମାନ ନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପି.ଏମ୍. କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତି ପ୍ରଦାନ କରିବେ । ଉତ୍ତରପ୍ରଦେଶର ବାରଣାସୀରେ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନମନ୍ତ୍ରୀ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଜରିଆରେ ୯ କୋଟି ୨୬ ଲକ୍ଷ କୃଷକ ପରିବାରକୁ ୨୦ ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ କରିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରଗଡ଼ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ । ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉପସ୍ଥିତ ରହିବେ । ସେହିପରି ପୁରୀ ଜିଲ୍ଲାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କଟକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଖୋର୍ଦ୍ଧାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେବେ । ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ମନ୍ତ୍ରିପରିଷଦର ସଦସ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ବିଧାନସଭା ଅଧିବେଶନ

ଓଡ଼ିଶା ବିଧାନସଭାର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆଜିଠାରୁ ଆରମ୍ଭ ହେବ । ଆଜି ଓ ଆସନ୍ତାକାଲି ସପ୍ତଦଶ ବିଧାନସଭାକୁ ନିର୍ବାଚିତ ବିଧାୟକମାନଙ୍କୁ କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶପଥପାଠ କରାଇବେ । ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଶପଥଗ୍ରହଣ ଅନୁଷ୍ଠିତ ହେବ । ଆସନ୍ତାକାଲି ବାଚସ୍ପତି ପଦବୀ ପାଇଁ ଦିନ ୧୨ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ହେବ । ୨୦ ତାରିଖରେ ବିଧିବଦ୍ଧ ଭାବେ ବାଚସ୍ପତି ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି ।

ସ୍ୱତନ୍ତ୍ର ଅଧିବେଶନକୁ ଦୃଷ୍ଟିରେ ରଖି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହାର  ତଦାରଖ ଲାଗି ୮ ପ୍ଲାଟୁନ୍ ପୋଲିସ୍ ମୁତୟନ ସହ ୩୫ ଜଣ ପୋଲିସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି ।

---

# ସୁରେଶ ପୂଜାରୀ-ସମୀକ୍ଷା

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ  ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଶ୍ରୀ ପୂଜାରୀ ହୀରାକୁଦ ଜଳଭଣ୍ଡାର ବୁଡ଼ି ଅଞ୍ଚଳର ବିସ୍ଥାପିତଙ୍କର ସମସ୍ୟା   ଉପରେ ଗୁରୁତ୍ୱ ଦେଇଛନ୍ତି । । ଏହା ସହ ଚୂଡ଼ାନ୍ତ କ୍ଷତିପୂରଣ, ସ୍ଥାୟୀ ପଟ୍ଟା ପ୍ରଦାନ, ଘରଡିହ ଓ ଚାଷଜମି

ଯୋଗାଇବା କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ସଂସ୍କୃତି ମନ୍ତ୍ରୀ-ସମୀକ୍ଷା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଗତକାଲି ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ବିଭିନ୍ନ ସରକାରୀଅନୁଷ୍ଠାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡ଼ିକରେ ଓଡ଼ିଆରେ ନାମଫଳକ ଲେଖା ପଦକ୍ଷେପକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି । ସେହିଭଳି ଓଡ଼ିଆ ଅସ୍ମିତା ଭବନ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଭାଷା କମିଶନ ପ୍ରତିଷ୍ଠା, ସଂସ୍କୃତି ଓ ଐତିହ୍ୟ ନୀତି, ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରେରଣା, ସାହିତ୍ୟ ଏକାଡେମୀର ବାକିଥିବା ପୁରସ୍କାର ପ୍ରଦାନ ଉପରେ ଶ୍ରୀ ସୁରଜ ଗୁରୁତ୍ୱାରୋପ କରିଛନ୍ତି ।

## ଯୁଗ୍ମ ସଚିବ ନିଯୁକ୍ତି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୁଗ୍ମ ସଚିବ ଭାବେ କେନ୍ଦୁଝରର ଉପଜିଲ୍ଲାପାଳ ଥିବା ତ୍ରିଲୋଚନ ମହାନ୍ତିଙ୍କୁ ନିଯୁକ୍ତି ମିଳିଛି । ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ସେହିଭଳି ବିଡିଏ ଭୂମି ଅଧିଗ୍ରହଣ ଅଧିକାରୀ ମନୋଜ

କୁମାର ବେହେରାଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି ।

## କର୍ଫ୍ୟୁ

ବାଲେଶ୍ୱର ପୌରାଞ୍ଚଳରେ ଗୋଷ୍ଠୀ ସଂଘର୍ଷ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଗତ ରାତିରୁ ଜିଲ୍ଲା ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି କରାଯାଇଛି । ଏହା ଆଜି ରାତି ୧୨ଟା ପର୍ଯ୍ୟନ୍ତ ବଳବତ୍ତର ରହିବ । ଜିଲ୍ଲାର ସଦର ଥାନା, ଟାଉନ ଥାନା, ସହଦେବଖୁଣ୍ଟା ଏବଂ ଶିଳ୍ପାଞ୍ଚଳ ଅଧୀନରେ ଥିବା ପୌରାଞ୍ଚଳରେ କର୍ଫ୍ୟୁ ଲାଗୁ କରାଯାଇଛି । ଏହି ସମୟ ମଧ୍ୟରେ ଜନସାଧାରଣ ଘରୁ ନ ବାହାରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ସ୍କୁଲ୍

ଗ୍ରୀଷ୍ମ ଅବକାଶ ପରେ ଆଜି ରାଜ୍ୟର ବିଦ୍ୟାଳୟଗୁଡ଼ିକ ଖୋଲିବ । ତେବେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୧୦ଟି ଜିଲ୍ଲାରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସ୍କୁଲ୍ ଛୁଟି ରହିବ । ଜିଲ୍ଲାପାଳମାନଙ୍କ ନିଷ୍ପତ୍ତି ଅନୁଯାୟୀ ଭଦ୍ରକ, ଗଞ୍ଜାମ, ବରଗଡ଼, ନୂଆପଡ଼ା, ଗଜପତି, ବଲାଙ୍ଗୀର,

ସମ୍ବଲପୁର, ସୁନ୍ଦରଗଡ଼, ସୁବର୍ଣ୍ଣପୁର ଓ ମୟୂରଭଞ୍ଜରେ ସ୍କୁଲ୍‌ଗୁଡ଼ିକ ବନ୍ଦ ରହିବ । ବାଲେଶ୍ୱର ଜିଲ୍ଲାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି କରାଯାଇଥିବାରୁ ସେଠାରେ ମଧ୍ୟ ସ୍କୁଲ୍‌ଗୁଡ଼ିକ ବନ୍ଦ ରହିବ । ସେହିପରି କେନ୍ଦ୍ରାପଡ଼ା, ବାଲେଶ୍ୱର, ଝାରସୁଗୁଡ଼ା ଓ ବୌଦ୍ଧ ଜିଲ୍ଲାରେ ଆଜି ପାଇଁ ସ୍କୁଲ୍ ଛୁଟି ଘୋଷଣା କରାଯାଇଛି । ଅନ୍ୟ କେତେକ ଜିଲ୍ଲାରେ ସ୍କୁଲ୍ ସମୟ ସକାଳ ୬ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ନିର୍ଘଣ୍ଟ କରାଯାଇଛି ।

---

## ହାତୀ ଆକ୍ରମଣ

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଗୋଠଗୁଡ଼ା ପଞ୍ଚାୟତର ସଲ୍‌ଡିହି ଗ୍ରାମରେ ଗତ ରାତିରେ ହାତୀ ଆକ୍ରମଣରେ ୩ଜଣଙ୍କର ମୃତ୍ୟୁ ହୋଇଛି । ଖବର ପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀମାନଙ୍କୁ ଘଉଡ଼ାଇଥିବା ଜଣାପଡ଼ିଛି ।

---

## ନେଟ୍ ପରୀକ୍ଷା

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି ପକ୍ଷରୁ ଆଜି ଜାତୀୟ ଯୋଗ୍ୟତା ପରୀକ୍ଷା-ନେଟ୍ ଅନୁଷ୍ଠିତ ହେଉଛି । ରାଷ୍ଟ୍ରୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ଦ୍ୱାରା ଆୟୋଜିତ ନେଟ୍ ପରୀକ୍ଷା ୨ଟି ସିଟିଙ୍ଗ୍‌ରେ ହେବ । ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନଙ୍କୁ ପରିଚୟପତ୍ର ଓ ଦୁଇଟି ପାସ୍‌ପୋର୍ଟ ଫଟୋ ସାଙ୍ଗରେ ନେବାକୁ ୟୁଜିସି ପକ୍ଷରୁ ସୂଚନା ଦିଆଯାଇଛି ।

---

# +୩ ନାମଲେଖା ଆବେଦନ

ଚଳିତ ଶିକ୍ଷାବର୍ଷ ନିମନ୍ତେ ଯୁକ୍ତ ୩ରେ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଶେଷ ହୋଇଛି । ଏଥିରେ ୨ ଲକ୍ଷ ୩୫ ହଜାର ୪ଶହ ଅଣାଅଶୀ ଜଣ ଛାତ୍ରଛାତ୍ରୀ ନାମ ଲେଖା ପାଇଁ ଆବେଦନ କରିଛନ୍ତି । ଆଜି ଆବେଦନକାରୀମାନେ ଫର୍ମରେ ସଂଶୋଧନ କରିପାରିବେ । ଆସନ୍ତା ୨୫ ତାରିଖରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ ।

# ଗ୍ରୀଷ୍ମପ୍ରବାହ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଆର୍ଦ୍ରତା ଓ ଗୁଳୁଗୁଳି ଲାଗି ରହିବ ।  ଆସନ୍ତା ଗୁରୁବାର ଠାରୁ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସୂଚନା ଅନୁସାରେ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଗତ ୮ତାରିଖରେ ଓଡ଼ିଶା ପ୍ରବେଶ କରିଥିଲା । ତେବେ ମୌସୁମୀବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ନଥିବାରୁ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଲାଗି ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।